# ଥଇଥାନ ନେତାଙ୍କ ମନ ବୁଝୁ ନ ଥିବା ଚର୍ଚ୍ଚା

■ରୋଚକ ହେଉଛି ଅନୁଗୋଳ ଜିଲା ବିଜେଡି ରାଜନୀତି
■ଏଯାଏ ଅନୁଗୋଳ, ତାଳଚେର ପାଇଁ ପ୍ରାର୍ଥୀ ଘୋଷଣା କରିନି ଦଳ
■ଅସନ୍ତୁଷ୍ଟଙ୍କ ଭୂମିକା ଉପରେ ସମସ୍ତଙ୍କ ନଜର

ଅନୁଗୋଳ,୭।୪ (ଅମିତ କୁମାର ସାମଲ)


ଅବନୀକାନ୍ତ ସାହୁ।


ଦୀନେଶ ପ୍ରଧାନ।


ମୀନକେତନ ଅମାନ୍ତ।

ଅନୁଗୋଳ ଜିଲା ରାଜନୀତିରେ ବିଜୁ ଜନତା ଦଳକୁ ନେଇ ଏବେ ସରଗରମ ଆଲୋଚନା ଚାଲିଛି। ଦଳ ପକ୍ଷରୁ ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ କରାଯାଇସାରିଥିଲେ ମଧ୍ୟ ଜିଲାର ୫ଟି ନିର୍ବାଚନମଣ୍ଡଳୀରୁ ଅନୁଗୋଳ ଓ ତାଳଚେର ପାଇଁ ଏଯାଏ ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ। ପ୍ରଥମ ପର୍ଯ୍ୟାୟରେ ପାଲଲହଡ଼ା ଓ ଛେଣ୍ଡିପଦା ପାଇଁ ଦଳ ପ୍ରାର୍ଥୀ ଘୋଷଣା କରିଥିଲା। ଏଠାରେ ଦଳୀୟ ବିଧାୟକଙ୍କୁ ପୁନର୍ବାର ପ୍ରାର୍ଥୀ କରାଯାଇଛି। ହେଲେ ଦ୍ୱିତୀୟ ପର୍ଯ୍ୟାୟ ଘୋଷଣାରେ ଦଳ ଆଠମଲ୍ଲିକରେ ଗତଥରର ପ୍ରାର୍ଥୀ ତଥା ବିଧାୟକ ରମେଶ ସାଏଙ୍କ ସ୍ଥାନରେ ନଳିନୀ ପ୍ରଧାନଙ୍କୁ ଏଠାରୁ ପ୍ରାର୍ଥୀ କରିଛି। ଦଳର ଏପରି ନିଷ୍ପତ୍ତିରେ ଅସନ୍ତୁଷ୍ଟ ପ୍ରକାଶ କରି ବିଧାୟକ ସାଏ ବିଜେଡିରୁ ଇସ୍ତଫା ଦେଇ ଭାଜପାରେ ସାମିଲ ହୋଇଛନ୍ତି। ଆଗକୁ ଅନୁଗୋଳ ଓ ତାଳଚେର ପାଇଁ ପ୍ରାର୍ଥୀ ଘୋଷଣା କରିବାକୁ ବାକି ଥିବାବେଳେ ଏଠାରେ ଦଳ କେଉଁ ପରିସ୍ଥିତିର ସମ୍ମୁଖୀନ ହେବ ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି। ବିଶେଷକରି ୨୦୨୪ ନିର୍ବାଚନ ଟିକେଟ୍‌କୁ ନଜରରେ ରଖି ସଙ୍ଗଠନକୁ ମଜଭୁତ କରିଥିବା ଜିଲାର କେତେଜଣ ଯୁବ ନେତାଙ୍କୁ ଦଳ ପକ୍ଷରୁ ଆଗୁଆ ବିଭିନ୍ନ ପଦ ପଦବୀରେ ଥଇଥାନ କରାଯାଇଥିଲେ ହେଁ ସେମାନଙ୍କ ମନ ବୁଝୁ ନ ଥିବା ଚର୍ଚ୍ଚା ହେଉଛି।

ରାଜନୈତିକ ସମୀକ୍ଷକମାନଙ୍କ କହିବା ଅନୁଯାୟୀ, ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀରେ ଯୁବ ନେତାମାନେ ଆଗକୁ ଗୋଡ଼ କାଢ଼ିଥିଲେ। ଏଭଳି କି ସଙ୍ଗଠନ ଗଢ଼ିବା ସହ କର୍ମୀମାନଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଥିଲେ। ଏବେ ସେହି ଯୁବ ନେତାମାନଙ୍କ କର୍ମୀମାନେ ଜିଲାରେ ସକ୍ରିୟ ରହିଥିଲେ ହେଁ ତାଙ୍କ ନେତାଙ୍କ ଦେଖା ମିଳୁନାହିଁ। କାରଣ ବିଜେଡି ରାଜ୍ୟ ନେତୃତ୍ୱ ସେମାନଙ୍କୁ ବିଭିନ୍ନ ପଦପଦବୀ ଧରାଇ ୨୦୨୪ ନିର୍ବାଚନର ଯଥେଷ୍ଟ ପୂର୍ବରୁ ରାସ୍ତା ସଫା କରିଦେଇଛି। କିନ୍ତୁ ପ୍ରାର୍ଥୀ ଘୋଷଣାକୁ ନେଇ ଅନୁଗୋଳ ଜିଲାରେ ବିଜେଡି ଏବେ ଦ୍ୱନ୍ଦ୍ୱର ସମ୍ମୁଖୀନ ହେଉଥିବା ବେଳେ ସେହି ଯୁବ ନେତାମାନଙ୍କ ମନ ଆଉ ପଦପଦବୀରେ ଲାଗୁ ନ ଥିବା ଆଲୋଚନା ହେଉଛି। ସେମାନେ ମଝିରେ ମଝିରେ କର୍ମୀ ସମ୍ମିଳନୀ ଆଳରେ ବୈଠକ କରି ଉପସ୍ଥିତ ଜାହିର କରୁଛନ୍ତି। ପୁଣି କେତେବେଳେ ସୋସିଆଲ ମିଡିଆରେ ଫଟୋ ପୋଷ୍ଟ କରି ଜନତାଙ୍କ ସେବା କରିବାର ସୁଯୋଗ ଅପେକ୍ଷାରେ ଥିବା ଜଣାଇ ଦେଉଛନ୍ତି। ପାଲଲହଡ଼ା ନିର୍ବାଚନମଣ୍ଡଳୀର ବିଜେଡି ନେତା ଅବନୀକାନ୍ତ ସାହୁଙ୍କୁ ନେଇ ଜିଲାରେ ଏପରି ଚର୍ଚ୍ଚା ଲାଗିରହିଛି। ଅବନୀକାନ୍ତଙ୍କୁ ପ୍ରଥମେ ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ(ତାମଡା) ଅଧ୍ୟକ୍ଷ ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ତେବେ ତାଙ୍କ ନଜର ପାଲଲହଡା ବିଧାନସଭାକ୍ଷେତ୍ର ଉପରେ ଥିବାରୁ ପରେ ତାଙ୍କୁ ରାଜ୍ୟ ଖାଦ୍ୟ ନିଗମ ଅଧ୍ୟକ୍ଷ ଭାବେ ଥଇଥାନ କରିଦିଆଗଲା। ପାଲଲହଡ଼ାରୁ ବିଧାୟକ ମୁକେଶ ପାଲ ଦଳୀୟ ପ୍ରାର୍ଥୀ ହୋଇଥିଲେ ମଧ୍ୟ ଅବନୀକାନ୍ତଙ୍କ ହାତରେ ବହୁ ଭୋଟ ଥିବାରୁ ନିର୍ବାଚନମଣ୍ଡଳୀରେ ତାଙ୍କର ଗୁରୁତ୍ୱକୁ ଅଣଦେଖା କରାଯାଇ ନ ପାରେ। ସେହିପରି ତାଳଚେର ପୌରପାଳିକାର ଅଧ୍ୟକ୍ଷ ପବିତ୍ର ଭୂତିଆ ତାଳଚେରରୁ ପ୍ରାର୍ଥୀ ହେବାକୁ ମନ ବଳାଇଥିବା ଚର୍ଚ୍ଚା ହେଉଥିଲା। କିନ୍ତୁ ସେଠାରେ ତାଙ୍କ ନାମକୁ ଚପାଇ ଦିଆଯାଇଛି। ଯଦିଓ ଏଯାଏ ଦଳ ତାଳଚେର ପାଇଁ ପ୍ରାର୍ଥୀ ଘୋଷଣା କରିନାହିଁ ଓ ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ରାସ୍ତାରେ ସେପରି କଣ୍ଟା ନାହିଁ ତଥାପି ପୌରାଧ୍ୟକ୍ଷ ଭୂତିଆଙ୍କ ସମର୍ଥକମାନେ କିପରି ସହଯୋଗ କରିବେ ତାହା ଉପରେ ନଜର ରହିଛି। ସେହିପରି ୨୦୧୯ ନିର୍ବାଚନ ପୂର୍ବରୁ ମୀନକେତନ ଅମାନ୍ତ ବିଜେଡିରେ ଯୋଗଦେଇଥିଲେ। ଏହାପରେ ତାଙ୍କୁ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ ଭାବେ ଥଇଥାନ କରାଯାଇଥିଲା। ପରେ ତାଙ୍କୁ ତାମଡା ଅଧ୍ୟକ୍ଷ ଦାୟିତ୍ୱ ଧରାଇ ଦିଆଯାଇଛି। ସେହିଭଳି ଦ୍ୱିତୀୟ ଥର ପାଇଁ ଅନୁଗୋଳ ଜିଲା ଯୁବ ବିଜେଡି ସଭାପତି ପଦରେ ଥିବା ଯୁବନେତା ଦୀନେଶ ପ୍ରଧାନଙ୍କୁ ନେଇ ଅନୁଗୋଳରେ ଅଧିକ ଚର୍ଚ୍ଚା ଚାଲିଛି। ଦଳ ପକ୍ଷରୁ ତାଙ୍କୁ ବସୁଧା ଯୋଜନାର ଉପଦେଷ୍ଟା ଏବଂ ଯୁବ ଓ ଛାତ୍ର ବିଜେଡି ସଂଯୋଜକ ଭାବେ କଳାହାଣ୍ଡି ଜିଲା ଦାୟିତ୍ୱ ପ୍ରଦାନ କରାଯାଇ ଥଇଥାନ କରାଯାଇଛି। କିନ୍ତୁ ତାଙ୍କ ସମର୍ଥକମାନେ ବିଧାନସଭା ଟିକେଟ୍ ଆଶା କରୁଥିବା କୁହାଯାଉଛି। ଜିଲାର ଯୁବ ବିଜେଡି କର୍ମୀଙ୍କ ଉପରେ ଦୀନେଶଙ୍କ ବେଶ୍ ପ୍ରଭାବ ଥିବାରୁ ତାଙ୍କୁ ନେଇ ନାନା ଚର୍ଚ୍ଚା ଲାଗିରହିଛି। ୩ ନିର୍ବାଚନମଣ୍ଡଳୀରେ ଦଳୀୟ ପ୍ରାର୍ଥୀ ଘୋଷଣା ପରେ ଅନେକ ଅସନ୍ତୁଷ୍ଟ ଗୋଷ୍ଠୀ ସୃଷ୍ଟି ହୋଇଥିବା ବେଳେ ବିଭିନ୍ନ ପଦପଦବୀଧାରୀ ନେତାମାନେ କେଉଁ ରଣନୀତି ଆପଣାଉଛନ୍ତି ସେ ନେଇ ଜିଲାରେ ବେଶ୍ ଆଲୋଚନା ଜାରି ରହିଥିବା ରାଜନୈତିକ ସମୀକ୍ଷକମାନେ ପ୍ରକାଶ କରିଛନ୍ତି।

# ବିଜେଡିରେ ଯୋଗଦେଲେ ଶତାଧିକ ଭାଜପା, କଂଗ୍ରେସ କର୍ମୀ

ଛେଣ୍ଡିପଦା,୭।୪(ଅଜିତ ଧଳ)

ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଛେଣ୍ଡିପଦା ବ୍ଲକର ବାଗଡିଆ, ଟାଙ୍ଗିରି ଓ ପାତ୍ରପଡାରେ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ବିଜେଡି ବ୍ଲକ ସଭାପତି ଶରତ ଚନ୍ଦ୍ର ଗଡନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀରେ ଛେଣ୍ଡିପଦା ବିଧାୟକ ତଥା ବିଜେଡି ବିଧାନସଭା ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ଯୋଗଦେଇ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗିନ ବିକାଶ ପାଇଁ କର୍ମୀମାନେ ଏକଜୁଟ୍ ହୋଇ ଦଳର ସଙ୍ଗଠନକୁ ମଜଭୁତ କରିବା ପାଇଁ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏହି ସମ୍ମିଳନୀରେ ପୁରୁଣାଗଡ଼ ଗ୍ରାମର ବିରଞ୍ଚି ଗଡ଼ନାୟକ, କୁମାର ବିଶ୍ୱାଳ, ସୁଧାକର ଗଡ଼ନାୟକ, ବିଜୟ ସାହୁ, ରିଙ୍କୁ ସେଠୀ, ଚିନ୍ତାମଣି ସେଠୀ, ଲିପୁନ ଗଡ଼ନାୟକ, ଟାଙ୍ଗିରି ପଞ୍ଚାୟତର ଟୁକୁନା ନାଏକ, ରଞ୍ଜନ ସାହୁ, ଶୁକ୍ରୁ ବେହେରା, ନୂଆପଡା ଗ୍ରାମର ଶ୍ରୀକାନ୍ତ ଭୂତିଆ, ପ୍ରଫୁଲ୍ଲ ବେହେରା, ସରପାଳ ଗ୍ରାମର କାହ୍ନୁଚରଣ ସାହୁ, ବାରମଞ୍ଚା ଗ୍ରାମର କୁନା ମାଝି, ବିନୋଦ ସାହୁ, ଗୁଣ୍ଡିଚା ସାହୁ, ମିଟୁ ବେହେରାଙ୍କ ସମେତ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ କର୍ମୀ ଭାଜପା ଓ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଥିଲେ। ସେହିପରି ପରଙ୍ଗ ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ଭାଜପା ଓ କଂଗ୍ରେସ କର୍ମୀ ବିଧାୟକଙ୍କ କୋଶଳା ଆବାସିକ କାର୍ଯ୍ୟାଳୟରେ ବିଜେଡିରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଜନତାଦଳର ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର, ଜିଲା ପରିଷଦ ସଦସ୍ୟ ନଗେନ ପ୍ରଧାନ, ନିଶା ସରପଞ୍ଚ ରାମଚନ୍ଦ୍ର ବେହେରା, ବାଗଡିଆ ଜୋନ ପର୍ଯ୍ୟବେକ୍ଷକ ଅମ୍ବିକା ବେହେରା, ସରପଞ୍ଚ ଅମରେଶ ନାଥ, ପୂର୍ବତନ ସରପଞ୍ଚ ବିଜୟ ଗଡ଼ନାୟକ, ପୂର୍ବତନ ସରପଞ୍ଚ ସସ୍ମିତା ପ୍ରଧାନ, ବିଭିନ୍ନ ପଞ୍ଚାୟତର ବିଜେଡିର ଜନପ୍ରତିନିଧି ଓ ୱାର୍ଡ କମିଟି ସଦସ୍ୟଙ୍କ ସମେତ ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ପୁରୁଷମହିଳା କର୍ମୀ ଯୋଗ ଦେଇଥିଲେ।



# ଭାଜପାରେ ସାମିଲ ହେଲେ ଶତାଧିକ ବିଜେଡି କର୍ମୀ




ପରଜଙ୍ଗ,୭।୪(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ନିର୍ବାଚନ ମଣ୍ଡଳୀର ପରଜଙ୍ଗ ହୁଣ୍ଡା ଶୋ'ରୁମ ନିକଟରେ ରବିବାର ଭାଜପାର ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଭାଜପା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ବନଲତା ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ଭାଜପା ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ପ୍ରଧାନ ଯୋଗ ଦେଇଥିଲେ। ଏହି ମିଶ୍ରଣ ପର୍ବରେ ୫୦ରୁ ଊର୍ଦ୍ଧ୍ୱ ମହିଳା ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିଲେ। ମୁଖ୍ୟ ଅତିଥି ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ଦେଇ ଦଳକୁ ସ୍ୱାଗତ କରିଥିଲେ। ସେହିପରି ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଅଷ୍ଟଶମ୍ଭୁ ମଣ୍ଡଳର ଗେଙ୍ଗୁଟିଆ କେନାଲ ନିକଟରେ ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପରଜଙ୍ଗ ଭାଜପା ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ମଣ୍ଡଳ ସଭାପତି ଦୟାନିଧି ସାହୁଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିଲେ। ମୁଖ୍ୟ ଅତିଥି ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ଦେଇ ଦଳକୁ ସ୍ୱାଗତ କରିଥିଲେ।

# ନିମବାହାଳିରେ ବିଜେଡିର ମିଶ୍ରଣ ପର୍ବ

ଢେଙ୍କାନାଳ,୭।୪(ରତନ ନାୟାର)




ଢେଙ୍କାନାଳ ଜିଲା ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀର ନିମବାହାଳି ହାଟ ପରିସରରେ ରବିବାର ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ବିଜେଡି ଏମ୍‌ପି ପ୍ରାର୍ଥୀ ଅବିନାଶ ସାମଲ ଯୋଗ ଦେଇଥିଲେ। ଏଥିରେ ସମାଜସେବୀ ଗଙ୍ଗାଧର ସାମଲ, ନରେନ୍ଦ୍ର ସାହୁ, ବିଜୟ ଧଳ, ଅଖିଳ ମହାପାତ୍ର ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ମିଶ୍ରଣ ପର୍ବରେ ଜିଲା ପରିଷଦର ପୂର୍ବତନ ସଦସ୍ୟ ସଞ୍ଜୟ କୁମାର ବେହେରା, ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ରବିନାରାୟଣ ସାହୁ, ଭାଜପା ମଣ୍ଡଳ ସଭାପତି ଜ୍ୟୋତିପ୍ରସାଦ ରାଉତ, ଏସ୍‌ସିଏସ୍‌ଟି ମୋର୍ଚ୍ଚା ସଭାପତି କାଳିଆ ନାଏକ, ବିରଞ୍ଚିନାରାୟଣ ମାଝି, ହେମନ୍ତ ନାଏକ, ମୋଟଙ୍ଗା ସମିତି ସଭ୍ୟାଙ୍କ ସହ ଏକ ନମ୍ବର ଜୋନ୍‌ର ସମସ୍ତ ପଞ୍ଚାୟତରୁ ଭାଜପା ସଦସ୍ୟମାନଙ୍କ ସହ ଶତାଧିକ କର୍ମୀ ବିଜେଡିରେ ଯୋଗଦାନ କରି ଜିଲାର ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲଙ୍କୁ ଅଧିକ ଭୋଟରେ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ।

# ଅସନ୍ତୁଷ୍ଟ ଗୋଷ୍ଠୀଙ୍କୁ ମନାଉଛନ୍ତି ବିଜେଡି, ଭାଜପା ପ୍ରାର୍ଥୀ

■ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇ ନ ଥିବାରୁ ଦ୍ୱନ୍ଦ୍ୱରେ କଂଗ୍ରେସ କର୍ମୀ
■ପାଲଲହଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ

ପାଲଲହଡ଼ା,୭।୪ (ଦିବ୍ୟଜ୍ୟୋତି ଦାଶ)


ଅଶୋକ ମହାନ୍ତି,


ମୁକେଶ କୁମାର ପାଲ।

୨୦୨୪ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା ଜାରି ରହିଛି। ଅନୁଗୋଳ ଜିଲାର ପାଲଲହଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଉଭୟ ବିଜେଡି ଓ ଭାଜପା ପକ୍ଷରୁ ପ୍ରାର୍ଥୀ ଘୋଷଣା ଶେଷ ହୋଇଛି। ବିଧାୟକ ମୁକେଶ ପାଲଙ୍କୁ ବିଜେଡି ଏଠାରେ ପୁନର୍ବାର ପ୍ରାର୍ଥୀ କରିଥିବା ବେଳେ ଭାଜପା ମଧ୍ୟ ସମାନ ପନ୍ଥା ଆପଣାଇଛି। ଭାଜପା ପକ୍ଷରୁ ଗତଥରର ପ୍ରାର୍ଥୀ ଅଶୋକ ମହାନ୍ତିଙ୍କୁ ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଟିକେଟ୍ ଦିଆଯାଇଛି। ତେବେ ବିଜେଡି ଓ ଭାଜପା ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା ପରେ କେତେଜଣ ଟିକେଟ୍ ଆଶାୟୀ ନିରାଶ ହୋଇଛନ୍ତି। ଏପରି କି ବିଜେଡି ଅସନ୍ତୁଷ୍ଟ ଗୋଷ୍ଠୀ ପ୍ରାର୍ଥୀ ମୁକେଶଙ୍କୁ ସହଯୋଗ କରୁ ନ ଥିବା ଆଲୋଚନାର ବିଷୟ ହୋଇଛି। ସେହିପରି ଭାଜପା ପ୍ରାର୍ଥୀ ଅଶୋକଙ୍କୁ ମଧ୍ୟ ଦଳର ଅସନ୍ତୁଷ୍ଟ ନେତା ଓ କର୍ମୀଙ୍କ ସହଯୋଗ ମିଳୁ ନ ଥିବା କୁହାଯାଉଛି। ଅସନ୍ତୁଷ୍ଟଙ୍କ ସମର୍ଥନ ବିନା ବିଜୟ ପଥ ସୁଗମ ହେବ ନାହିଁ ବୋଲି ଉଭୟ ବିଜେଡି ଓ ଭାଜପା ପ୍ରାର୍ଥୀ ଅବଗତ ଥିବାରୁ ଅସନ୍ତୁଷ୍ଟଙ୍କୁ ମନାଇବାକୁ ସେମାନେ ଉଦ୍ୟମ ଜାରି ରଖିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ପ୍ରାର୍ଥୀ ଘୋଷଣାରେ ଏଠାରେ ପଛରେ ପଡ଼ିଛି। ଦଳ ଏଯାଏ ପ୍ରାର୍ଥୀଙ୍କ ନାମ ପ୍ରକାଶ କରି ନ ଥିବାରୁ ନେତାଙ୍କ ଠାରୁ ଆରମ୍ଭ କରି କର୍ମୀଙ୍କ ଯାଏ ଦ୍ୱନ୍ଦ୍ୱରେ ଥିବା ଦେଖିବାକୁ ମିଳୁଛି।

ରାଜନୀତି ସମୀକ୍ଷକମାନଙ୍କ କହିବା ଅନୁଯାୟୀ, ରାଜ୍ୟ ବିଜେଡି ପକ୍ଷରୁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ କରାଯାଇଥିବା ବେଳେ ପାଲଲହଡ଼ା ପାଇଁ ବିଧାୟକ ମୁକେଶ ପାଲଙ୍କ ନାମ ଘୋଷଣା କରାଯାଇଥିଲା। ଫଳରେ ପାଲଲହଡ଼ା ବିଜେଡିର ଅନ୍ୟତମ ଟିକେଟ୍ ଆଶାୟୀ ନେତା ଅବନୀକାନ୍ତ ସାହୁଙ୍କୁ ନିରାଶ ହେବାକୁ ପଡ଼ିଥିଲା। ନିଜ ନେତାଙ୍କୁ ଟିକେଟ୍‌ରୁ ବଞ୍ଚିତ କରାଯାଇଥିବାରୁ ଅବନୀଙ୍କ ସମର୍ଥକମାନେ ଏହାକୁ ହଜମ କରିପାରି ନ ଥିଲେ। ଫଳରେ ସେମାନେ ବିଧାୟକ ତଥା ଦଳୀୟ ପ୍ରାର୍ଥୀ ମୁକେଶଙ୍କୁ ଆବଶ୍ୟକ ସହଯୋଗ କରୁ ନ ଥିବା ଚର୍ଚ୍ଚା ହେଉଛି। ସେହିପରି ଭାଜପା ପକ୍ଷରୁ ପାଲଲହଡ଼ାରୁ ଅଶୋକଙ୍କୁ ପ୍ରାର୍ଥୀ କରାଯିବା ପରେ ଆଶାୟୀ ନେତା ଶଶିଭୂଷଣ ଆଚାର୍ଯ୍ୟଙ୍କ ଗୋଷ୍ଠୀ ନିରାଶ ହୋଇଯାଇଛନ୍ତି। ତେଣୁ ଏହି ଅସନ୍ତୁଷ୍ଟ ଗୋଷ୍ଠୀ ଅଶୋକଙ୍କୁ ସମର୍ଥନ କରୁ ନ ଥିବା ଦେଖିବାକୁ ମିଳୁଛି। ଫଳରେ ଅସନ୍ତୁଷ୍ଟମାନଙ୍କୁ ନେଇ ଉଭୟ ବିଜେଡି ଓ ଭାଜପା ପ୍ରାର୍ଥୀ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏପରି କି ନିଜ ନିଜ ଢଙ୍ଗରେ ଏହି ଦୁଇ ପ୍ରାର୍ଥୀ ନିର୍ବାଚନ ପ୍ରଚାର ଆରମ୍ଭ କରିଥିବାବେଳେ ଦଳ ମଧ୍ୟରେ ଲାଗି ରହିଥିବା ଗୋଷ୍ଠୀ କନ୍ଦଳ ସେମାନଙ୍କୁ ଚିନ୍ତାରେ ପକାଇଛି। ଏହି ଗୋଷ୍ଠୀ କନ୍ଦଳ ବା ବିବାଦର ଯଥାଶୀଘ୍ର ସମାଧାନ କରି ସମସ୍ତ ପୁରୁଣା କର୍ମୀଙ୍କୁ ନେଇ ନିର୍ବାଚନ ଲଢ଼ିବାକୁ ବିଜେଡି ଓ ଭାଜପା ପ୍ରାର୍ଥୀମାନଙ୍କୁ ରାଜ୍ୟସ୍ତରରୁ ନିର୍ଦ୍ଦେଶ ଆସିଥିବା ସୂଚନା ମିଳିଛି। ତେଣୁ ବିଜେଡି ପ୍ରାର୍ଥୀ ମୁକେଶ ଦଳର ଅସନ୍ତୁଷ୍ଟ ତଥା କୌଣସି କାରଣରୁ ଦଳ ଛାଡ଼ିଥିବା ବରିଷ୍ଠ ନେତାଙ୍କୁ ଦଳୀୟ କାର୍ଯ୍ୟକ୍ରମରେ ସାମିଲ କରୁଥିବା ବେଳେ ଆଉ କେତେଜଣ ଅସନ୍ତୁଷ୍ଟଙ୍କ ସହିତ ନିଜେ ଆଲୋଚନା କରି ସେମାନଙ୍କୁ ଦଳକୁ ଫେରାଇ ଆଣିବା ସହ ନିର୍ବାଚନରେ ସହଯୋଗ କରିବା ପାଇଁ ରଣନୀତି ପ୍ରସ୍ତୁତ କରୁଛନ୍ତି। ଭାଜପା ପ୍ରାର୍ଥୀ ଅଶୋକ ମଧ୍ୟ ଅସନ୍ତୁଷ୍ଟ ଥିବା କର୍ମୀ ଏବଂ ନେତାମାନଙ୍କୁ ଭେଟ କରି ସେମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ ଗଡ଼ କୁହାଯାଉଥିବା ପାଲଲହଡା ନିର୍ବାଚନମଣ୍ଡଳୀରେ କଂଗ୍ରେସ ପୂରା ପଛରେ ପଡିଯାଇଛି। ଦଳ ବର୍ତ୍ତମାନ ସୁଦ୍ଧା ନିଜର ପ୍ରାର୍ଥୀ ଘୋଷଣା କରିପାରି ନାହିଁ, ଯାହା ଦଳୀୟ ନେତା ଏବଂ କର୍ମୀମାନଙ୍କୁ ଦ୍ୱନ୍ଦ୍ୱରେ ପକାଉଥିବା ଦେଖିବାକୁ ମିଳୁଛି। ଦଳର କେତେଜଣ ନେତା ଭୁବନେଶ୍ୱରରେ ଟିକେଟ ପାଇଁ ଡେରା ପକାଇଥିବାବେଳେ କର୍ମୀମାନେ ଆଶା ଆଶଙ୍କା ମଧ୍ୟରେ ଥିବା ଆଲୋଚନା ହେଉଛି।

# ଉପଖଣ୍ଡସ୍ତରୀୟ ଗୋପାଳ ସମାଜ ବୈଠକ

ତାଳଚେର, ୭।୪ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ରାଧାରମଣପୁର ଗ୍ରାମ ଶିବ ମନ୍ଦିର ନିକଟସ୍ଥ ଆମ୍ବତୋଟାରେ ରବିବାର ଉପଖଣ୍ଡସ୍ତରୀୟ ଗୋପାଳ ସମାଜର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଉଗ୍ରସେନ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଗୋପାଳଗୌଡ଼ ଜାତି ସାମାଜିକ ସଙ୍ଗଠନକୁ ସକ୍ରିୟ କରିବା ପାଇଁ ଏକ ସତନ୍ତ୍ର କମିଟି ଗଠନ କରାଯାଇଥିଲା। ଏହି ନୂତନ କମିଟି ପକ୍ଷରୁ ଉଗ୍ରସେନ ବେହେରାଙ୍କୁ ସଭାପତି, ଉପସଭାପତି ଭାବେ ବିଶଜିତି ବେହେରା, କୃପାସିନ୍ଧୁ ବେହେରା, ବଳଭଦ୍ର ଭୂତିଆ, ଛବିରାମ ଭୂତିଆ, ସୁଦର୍ଶନ ସାହୁ, କଣିହା ବ୍ଲକରୁ ପ୍ରତାପ ଚନ୍ଦ୍ର ପରିଡ଼ାଙ୍କୁ ମନୋନୀତ କରାଯାଇଥିଲା। ସମ୍ପାଦକ ଭାବେ କଣିହା ବ୍ଲକରୁ ଅଲେଖ ଭୂତିଆ, ତାଳଚେର ବ୍ଲକରୁ ଅଭିରାମ ବେହେରା, ଉପଦେଷ୍ଟା ଭାବେ ତାଳଚେର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବିନୟ କୁମାର ଖିଲାର, ରମେଶ ଚନ୍ଦ୍ର ଭୂତିଆ, ଅବସରପ୍ରାପ୍ତ ଏମ୍‌ସିଏଲ୍‌ର ଆସିଷ୍ଟାଣ୍ଟ ମ୍ୟାନେଜର ବିକ୍ରମ ଚନ୍ଦ୍ର ବେହେରା, ପ୍ରାକ୍ତନ ସରପଞ୍ଚ ସୁନୀଲ କୁମାର ପ୍ରଧାନ, ଗିରୀଶ ଚନ୍ଦ୍ର ଭୂତିଆ, ନେତ୍ରାନନ୍ଦ ବେହେରାଙ୍କୁ ମନୋନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଦେଉଳବେଡ଼ା ଗୋପାଳ ସମାଜ ସଭାପତି ଗିରୀଶ ଚନ୍ଦ୍ର ଭୂତିଆ ପରିଚାଳନା କରିଥିଲେ। ଏଥିରେ ଚାଇଁପାଳ ଗ୍ରାମ ସମ୍ପାଦକ କୁବେର ଭୂତିଆ, ରାଧାରମଣପୁରର ନରହରି ବେହେରା ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ। ଉତ୍କଳ ଗୋପାଳ ସମାଜ ସାଧାରଣ ସମ୍ପାଦକ ଓ ଉପଖଣ୍ଡ ଉପ ସଭାପତି ପ୍ରତାପ ଚନ୍ଦ୍ର ପରିଡ଼ା ଧନ୍ୟବାଦ ଅର୍ପଣ କରି ଥିଲେ।


କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କର୍ମକର୍ତ୍ତା ଓ ସଦସ୍ୟମାନେ।

# ବାରମ୍ବାର ହାରୁଥିବା ପ୍ରାର୍ଥୀ ଟିକେଟ ପାଇଲେ ଦଳ କ୍ଷତିଗ୍ରସ୍ତ ହେବ

■ନୂଆ ନାଗେନାଠାରେ ସାଙ୍ଗଠନିକ ବୈଠକ
■ରୁଦ୍ର ପାଣିଙ୍କୁ ସହଯୋଗ ଦେବା ପାଇଁ ନିଷ୍ପତ୍ତି
■ଲୋକ ଚାହୁଁ ନ ଥିବା ପ୍ରାର୍ଥୀଙ୍କୁ ଟିକେଟ ନ ଦେବାକୁ ଦାବି

ଢେଙ୍କାନାଳ,୭।୪(ରତନ ନାୟାର)


ସାଙ୍ଗଠନିକ ବୈଠକରେ ଭାଜପା ନେତା ନବୀନ ନନ୍ଦଙ୍କ ସହ ଅନ୍ୟମାନେ।

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନୂଆନାଗେନାଠାରେ ପୂର୍ବତନ ସରପଞ୍ଚ ମଙ୍ଗରାଜ ବାରିକଙ୍କ ସଭାପତିତ୍ୱରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ନିକଟରେ ଭାଜପାରେ ଯୋଗ ଦେଇଥିବା ପୂର୍ବତନ ବିଧାୟକ ନବୀନ ନନ୍ଦ ଏହି ସାଙ୍ଗଠନିକ ବୈଠକରେ ଯୋଗ ଦେଇଥିଲେ। ଏଥିରେ ଭାଜପାର ଏମ୍‌ପି ପ୍ରାର୍ଥୀ ରୁଦ୍ର ନାରାୟଣ ପାଣିଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ସେହିପରି ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀରେ ଦୀର୍ଘ ୨୦ ବର୍ଷ ଧରି ବାରମ୍ବାର ହାରୁଥିବା ଏବଂ ସାଧାରଣ ଲୋକ ଚାହୁଁ ନ ଥିବା ପ୍ରାର୍ଥୀଙ୍କୁ ଟିକେଟ ନ ଦେବା ପାଇଁ ଓ ଉପଯୁକ୍ତ ପ୍ରାର୍ଥୀଙ୍କୁ ଟିକେଟ ଦେବା ନିମନ୍ତେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇ ରାଜ୍ୟ ସଭାପତି ମନମୋହନ ସାମଲ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅନୁରୋଧ କରାଯାଇଥିଲା। ଢେଙ୍କାନାଳ ବିଧାନସଭା ପ୍ରାର୍ଥୀ ପରିବର୍ତ୍ତନ କରା ନ ଗଲେ ଆଗାମୀ ଦିନରେ ଏହା ଦଳ କ୍ଷତିଗ୍ରସ୍ତ ହେବ ବୋଲି ବ୍ଲକର ପୂର୍ବତନ ଅଧ୍ୟକ୍ଷ ମଳୟ କୁମାର ସିଂ ମତବ୍ୟକ୍ତ କରିଥିଲେ। ବୈଠକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନାତନ ସାହୁ, ଅଧ୍ୟକ୍ଷା କୁନି ଦେହୁରୀ, ପୂର୍ବତନ ସରପଞ୍ଚ ରମେଶ ରାଉତ, ପୂର୍ବତନ ସମିତି ସଭ୍ୟ ମାନସ ବାଘ ଓ ସ୍ୱର୍ଣ୍ଣଲତା ବିନ୍ଧାଣୀ, ଈଶ୍ୱର ଖଟୁଆ, ଗୟାଧର ଗାୟନ, ପ୍ରଦୋଷ କୁମାର ମହାନ୍ତି, ପୂର୍ବତନ କାଉନସିଲର ସୁବ୍ରତ ନନ୍ଦ, ପୂର୍ବତନ ପୌର ଉପାଧ୍ୟକ୍ଷା ସୁମିତ୍ରା ଭୋଇଙ୍କ ସମେତ ଚିନ୍ତାମଣୀ ତ୍ରିପାଠୀ, ସରୋଜ ମହାଳିକ, ସବୁଜ ପ୍ରତାପ ରାଉତ, ମାନସ ମହାନ୍ତି, ଶ୍ରୀଧର ପାତ୍ର, ଅସିତ ମହାନ୍ତି, ଭାଗ୍ୟବାନ ପ୍ରଧାନ, ପ୍ରତ୍ୟୁଷ ଜେନା, ବୀରବର ବାରିକ, ଚିତ୍ତରଞ୍ଜନ ସାହୁ, ମାନସ ରଞ୍ଜନ ସାହୁ, ଶେଷାନନ୍ଦ ମିଶ୍ର, ଯୁଗଳ ନାୟକ, ପ୍ରଦୀପ ବେହେରା, ଗୋପାଳ ମହାରଣା, ରତ୍ନାକର ପରିଡ଼ା, ବାବୁଲି ମହାନ୍ତି, ଦେବରାଜ ସାହୁଙ୍କ ସମେତ ଶତାଧିକ ସକ୍ରିୟ ସଭ୍ୟ ଯୋଗ ଦେଇଥିଲେ। ବସନ୍ତ କୁମାର ମଳିକ ଧନ୍ୟବାଦ ଦେବା ସହ ଆଗାମୀ ଦିନରେ ଭାଜପା କିପରି ବିଜୟ ଲାଭ କରିବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ସଚେତନ ନାଗରିକ ଫୋରମ ପକ୍ଷରୁ ବରା ଦିବସ

- ଢେଙ୍କାନାଳ ପ୍ରସିଦ୍ଧ ବରା ଚାହିଦା ଦେଶ ବିଦେଶରେ ପହଞ୍ଚିଛି
- ଜିଆଇ ଟ୍ୟାଗ୍ ମାନ୍ୟତା ଦାବି ଜୋର୍ ଧରିଲା





ଢେଙ୍କାନାଳରେ ବରା ଦିବସ ପାଳନ କରାଯାଉଛି।

ଢେଙ୍କାନାଳ,୭।୪(ରତନ ନାୟାର)

ଢେଙ୍କାନାଳର ପ୍ରସିଦ୍ଧ ବରାର ଚାହିଦା ଦେଶ ବିଦେଶରେ ପହଞ୍ଚିଛି। ଏହି ସୁସ୍ୱାଦୁ ପ୍ରସିଦ୍ଧ ବରା ପାଇଁ ସମଗ୍ର ରାଜ୍ୟ ଏବଂ ଦେଶରେ ଢେଙ୍କାନାଳର ଏକ ନିଆରା ପରିଚୟ ମଧ୍ୟ ରହିଛି। ଗତବର୍ଷ ଭଳି ଚଳତବର୍ଷ ମଧ୍ୟ ଏପ୍ରିଲ ୭ ତାରିଖରେ ଢେଙ୍କାନାଳ ସଚେତନ ନାଗରିକ ଫୋରମ ଆନୁକୂଲ୍ୟରେ ବରା ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ରବିବାର ସକାଳ ୮ଟାରେ ସହରସ୍ଥିତ ସୂର୍ଯ୍ୟ କନଭେନଶନ ହଲ୍‌ଠାରେ ଫୋରମ ସଭାପତି ଆଇନଜୀବୀ ସୁରେନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ବରା ଦିବସ ପାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସଙ୍କ ସମେତ ଅକ୍ଷୟ କୁମାର ମହାନ୍ତି, ହର୍ଷବର୍ଦ୍ଧନ ସିଂହଦେଓ, ସୁନୀଲ ଶର୍ମା, ବାବୁଚାନ୍ଦ ମହାଲିକ, କଲ୍ୟାଣ କୁମାର କାନୁନ୍‌ଗୋ, ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ, ଓକିଲ ସଂଘ ସମ୍ପାଦକ ଟଙ୍କଧର ବେହେରା, ଶିଳ୍ପ ଓ ବାଣିଜ୍ୟ ସଂଘ ସଭାପତି ରାଜେନ୍ଦ୍ର ଦାସ, ଫୋରମର ମାର୍ଗଦର୍ଶକ ଭିକାରୀ ଚରଣ ରାଉତ, ପଙ୍କଜ ନାୟକ, ଥ୍ରଙ୍କର୍ସ ଫୋରମ ସଭାପତି ସୌମେନ୍ଦୁ ଶତପଥୀ ଓ ଫୋରମ ଉପସଭାପତି ଦୀପକ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ ଅତିଥିମାନେ କହିଥିଲେ, ଢେଙ୍କାନାଳ ବରାର ଇତିହାସ ପ୍ରାୟ ୧୦୦ ବର୍ଷରୁ ଅଧିକ ହେବ। ସେହି ସମୟରେ କୁଞ୍ଜ ସାହୁ, ପାଟିଆ ସାହୁ ଓ ଭାଗବତ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ବରା ବେଶ୍ ଆଦୃତ ହୋଇଥିଲା। ସେହିଦିନ ଠାରୁ ପିଢ଼ି ପରେ ପିଢ଼ି ବରାକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରିଆସୁଛନ୍ତି। ସେଥିପାଇଁ ଢେଙ୍କାନାଳ ବରାର ଚାହିଦା ଦେଶ ବିଦେଶରେ ପ୍ରସିଦ୍ଧି ଲାଭ କରିଛି। ଜିଲାର ବ୍ରାହ୍ମଣୀ ନଦୀ ଅବବାହିକାରେ ଚାଷ ହେଉଥିବା କଳା ଦେଶୀ ବିରି ସହ ଆମ୍ବକଶିଆ ଅଦା, କଞ୍ଚାଲଙ୍କା, ଧନିଆପତ୍ର, ପିଆଜ, ଭୃଷଙ୍ଗ ପତ୍ରକୁ ଭଲଭାବେ ମିଶ୍ରଣ କରାଯିବା ପରେ ଏହାକୁ ଛଣାଯାଇଥାଏ। ଫଳରେ ବରାର ସ୍ୱାଦ ଅତି ଉଚ୍ଚକୋଟିର ହୋଇଥାଏ। ବରା ଦିବସ ଅବସରରେ ବରା ସାଙ୍ଗକୁ ଘୁଗୁନି ଓ ଛଣା କଞ୍ଚା ଲଙ୍କାର ମଜା ନେଇଥିଲେ ପ୍ରାୟ ୭୦୦ରୁ ଊର୍ଦ୍ଧ୍ୱ ଲୋକ। ଏହି ଅବସରରେ ଢେଙ୍କାନାଳର ପ୍ରସିଦ୍ଧ ମଗଜି ଭଳି ବରାକୁ ମଧ୍ୟ ଜିଆଇ ଟ୍ୟାଗ୍ ମାନ୍ୟତା ପ୍ରଦାନ ପାଇଁ ଦାବି ଜୋର୍ ଧରିଥିଲା। ବରାର ଅଧିକ ପ୍ରଚାର ଓ ପ୍ରସାର କରିବା ପାଇଁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଫୋରମ କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ଭରତ କୁମାର ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସହ ସମ୍ପାଦକ ଆଇନଜୀବୀ ଗୁପ୍ତେଶ୍ୱର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଅମ୍ବିକା ମିଶ୍ର, ମନ୍ମଥ ରାଓ, ଉଦୟନାଥ ବେହେରା, ଅଶୋକ ସ୍ୱାଇଁ ଓ ବନଜା ମାନସିଂହ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବର୍ଷା ପରେ ମିଳିଲା ଆଶ୍ୱସ୍ତି

ଢେଙ୍କାନାଳ,(ରତନ ନାୟାର)/ ଅନୁଗୋଳ,୭।୪ (ଅମିତ କୁମାର ସାମଲ)



କିଛିଦିନ ହେଲା ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ଢେଙ୍କାନାଳ ସହରବାସୀ ରବିବାର ତାତିରୁ ସାମାନ୍ୟ ଆଶ୍ୱସ୍ତି ପାଇଛନ୍ତି। ଦିନରେ ଖରା ଟାଣ ନ ଥିଲେ ମଧ୍ୟ ଗୁଳୁଗୁଳି ଅନୁଭୂତ ହେଉଥିଲା। ଏପରି କି ତାପମାତ୍ରା ୩୬.୯ ଡିଗ୍ରୀ ରହିଥିଲା। ହେଲେ ଅପରାହ୍ନ ୪ଟା ପରଠାରୁ ପାଗ ହଠାତ୍ ମେଘୁଆ ହୋଇଯାଇଥିଲା। ରାତିରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ଏହି ସମୟରେ ସହରରେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଥିଲା। ହେଲେ ବର୍ଷା କାରଣରୁ ପାଗ ଶୀତଳ ହୋଇଯାଇଥିବାରୁ ବିଦ୍ୟୁତ୍‌କୁ ନେଇ ସେପରି ଅସୁବିଧା ସହରବାସୀ ଭୋଗି ନ ଥିଲେ। ସୂଚନାଯୋଗ୍ୟ, ଗତ ୨ ଦିନ ଧରି ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ତାପମାତ୍ରା ୪୧ ଡିଗ୍ରୀ ରହିଥିବା ଯୋଗୁ ପ୍ରବଳ ଗରମରେ ସହରବାସୀ ଅତିଷ୍ଠ ହୋଇପଡ଼ିଥିଲେ । ସେହିପରି ଭୁବନ ବ୍ଲକରେ ସନ୍ଧ୍ୟା ୬ ଟାରୁ ୮ ଟା ପର୍ଯ୍ୟନ୍ତ କୁଆପଥର ସହିତ ବର୍ଷା ହୋଇଥିଲା। ଅନେକ ସ୍ଥାନରେ ଜୋର୍‌ରେ ପବନ ବହିବାରୁ ଗଛ ଭାଙ୍ଗିଯାଇ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ସେହିପରି ଅନୁଗୋଳ ଜିଲାରେ ମଧ୍ୟ ବର୍ଷା ଆଶ୍ୱସ୍ତି ଦେଇଛି। ୩ ଦିନ ହେଲା ଡହ ଡହ ଖରା ସହିତ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିବା ବେଳେ ରବିବାର ସକାଳୁ ପାଗରେ ପରିବର୍ତ୍ତନ ହୋଇଥିଲା। ଆକାଶରେ ମେଘ ଥିବା ଯୋଗୁ ଖରା ଟାଣ ଧରି ନ ଥିଲା। ତଥାପି ତାପମାତ୍ରା ୩୭.୮ ରହିଥିବାବେଳେ ସନ୍ଧ୍ୟାରେ କାଳ ବୈଶାଖୀଜନିତ ବର୍ଷା ସହରକୁ ଥଣ୍ଡା କରିଦେଇଥିଲା। ତେବେ ବଜ୍ରପାତ ଯୋଗୁ ଅନେକ ସ୍ଥାନରେ ଗଛ ଜଳିଯାଇଥିବା ଦେଖିବାକୁ ମିଳିଥିଲା। ଅନୁଗୋଳରେ ୨ ମିଲିମିଟର ବର୍ଷା ହୋଇଥିବା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ପାଣିପାଗ ବିଭାଗ ପକ୍ଷରୁ ରେକର୍ଡ କରାଯାଇଛି।

# ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଇଁ ପ୍ରସ୍ତୁତି

ଅନୁଗୋଳ,୭।୪ (ଅମିତ କୁମାର ସାମଲ)




ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତାମାନେ।

ରାଷ୍ଟ୍ରୀୟ ନବବର୍ଷ ପାଳନ ସମିତି ଅନୁଗୋଳ ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯିବ। ପୁରୀ ଗୋବର୍ଦ୍ଧନ ପୀଠ ପରିଷଦ ଅନ୍ତର୍ଗତ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ ଆନୁକୂଲ୍ୟରେ ଅନୁଗୋଳଠାରେ ଏହି ରାଷ୍ଟ୍ରୀୟ ନବ ବର୍ଷ ପାଳନ ନିମନ୍ତେ ରବିବାର ଅନୁଗୋଳ ଜଗନ୍ନାଥ ମନ୍ଦିର ସଦ୍‌ଭାବନା ଗୃହଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୯ ତାରିଖ ମଙ୍ଗଳବାର ଏହି ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯିବା ଅବସରରେ ବ୍ୟାପକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏ ନେଇ ରବିବାର ଏକ ମୋଟରସାଇକେଲ ଶୋଭାଯାତ୍ରା ସହର ପରିକ୍ରମା କରି ରାଷ୍ଟ୍ରୀୟ ନବବର୍ଷ ପାଳନ ନିମନ୍ତେ ସଚେତନତା ସୃଷ୍ଟି କରିଯାଇଥିଲା। ଏଥିସହିତ ରାଷ୍ଟ୍ରୀୟ ନବବର୍ଷ ପାଳନର ମହତ୍ତ୍ୱକୁ ଲୋକଲୋଚନକୁ ଆଣିବା ଓ ସର୍ବବିଦିତ କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟସ୍ତରରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଦିବସରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ଏଥିସହିତ ରାଷ୍ଟ୍ରୀୟ ନବବର୍ଷ ପାଳନ ଦିନ ଭୋର୍ ସମୟରେ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ପରିସରରେ ସୂର୍ଯ୍ୟପୂଜା, ଦୀପଦାନ, ସୁନ୍ଦରାକାଣ୍ଡ ପାଠ ଓ ସଂକୀର୍ତ୍ତନ ମାଧ୍ୟମରେ ରାଷ୍ଟ୍ରୀୟ ନବବର୍ଷକୁ ସ୍ୱାଗତ କରାଯିବ। ସନ୍ଧ୍ୟାରେ ଧର୍ମସଭା ଅନୁଷ୍ଠିତ ହେବ। ଏଥିସହିତ ନବବର୍ଷ ପାଳନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ବୋଲି ରାଷ୍ଟ୍ରୀୟ ଅଧ୍ୟକ୍ଷ ହେମନ୍ତ ଦାଶ, ପୀଠ ପରିଷଦ ରାଜ୍ୟ ଉପାଧ୍ୟକ୍ଷ ପଣ୍ଡିତ ରୋହିତ ଦାଶ, ଆଦିତ୍ୟ ବାହିନୀ ଅନୁଗୋଳ ସଭାପତି ଲଳିତ ମୋହନ ଦାଶ, ବାସୁଦେବ ହୋତା, କିଶୋର ଚନ୍ଦ୍ର ସାହୁ, ପର୍ଶୁରାମ ଦାଶ ପ୍ରମୁଖ ସୂଚନା ଦେଇଥିଲେ।

# ମଦ ଜବତ, ୨ ଗିରଫ

ବଇଣ୍ଡା,୭।୪(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପୋଲିସ ଶନିବାର ବିଡିସିଙ୍ଗ ଗ୍ରାମରେ ଚଢ଼ାଉ କରି ନାରାୟଣ କଠାରଙ୍କଠାରୁ ୮ ଲିଟର ଦେଶୀ ମହୁଲି ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ସେ ବେଆଇନ ଭାବେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ଠାକୁରଗଡ଼ ପୋଲିସ ଚଢ଼ାଉ କରିଥିଲା। ଏ ନେଇ ଏକ ମାମଲା ରୁଜୁ ହୋଇଛି। ସେହିପରି ଗାଁ ବଇଣ୍ଡାଠାରୁ ହଣ୍ଡପା ପୋଲିସ ବୈଷ୍ଣବସାହି ଗ୍ରାମର କୁନା ମାଝିଙ୍କଠାରୁ ୩୨ଟି ପାଉଚ ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ସେ ଚୋରା ପାଉଚ ମଦ ନେଇ ଯାଉଥିବାବେଳେ ଖବରପାଇ ହଣ୍ଡପା ପୋଲିସ ଚଢ଼ାଉ କରିଥିଲା। ଏ ନେଇ ଏକ ମାମଲା ରୁଜୁ ହୋଇଛି।

# ଶିବିରରେ ୧୭୩ ୟୁନିଟ୍ ରକ୍ତ ସଂଗ୍ରହ



ଢେଙ୍କାନାଳ,୭।୪(ରତନ ନାୟାର)

ଢେଙ୍କାନାଳ ଜିଲା ରକ୍ତ ଭଣ୍ଡାରରେ ରକ୍ତ ଅଭାବ ଜନିତ ସମସ୍ୟା ସମାଧାନ ପାଇଁ ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟ ପକ୍ଷରୁ ରବିବାର ସହରସ୍ଥିତ ଗୋପବନ୍ଧୁ ଟାଉନ ହଲ୍‌ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ୍ ୧୭୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳଙ୍କ ସମେତ ରେଡକ୍ରସ ଉପସଭାପତି ବୀରଞ୍ଚି ନାରାୟଣ ପାଣି, ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ସଭାପତି ରାଜେନ୍ଦ୍ର ହିନ୍ଦୋଚା, ଶ୍ୟାମାଚରଣପୁର ବିକାଶ ପରିଷଦ ସଭାପତି ଯୋଗୀନାଥ ମହାନ୍ତି, ସଚେତନ ନାଗରିକ ଫୋରମ ସଭାପତି ସୁରେନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଟ୍ରଷ୍ଟର ବରିଷ୍ଠ ସଦସ୍ୟ ଅମରେନ୍ଦ୍ର ଖୁଣ୍ଟିଆ, ସଭାପତି ଅଜୟ ସାହୁ, ସମ୍ପାଦକ ସୁବୋଧ ସିଂଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଜିଲା ରକ୍ତଭଣ୍ଡାର ଅଧିକାରୀ ସ୍ୱରୂପ ରଞ୍ଜନ ସାହୁ, ଟେକ୍ନିସିଆନ ପରମାନନ୍ଦ ପଣ୍ଡାଙ୍କ ଉପସ୍ଥିତିରେ ରକ୍ତ ସଂଗୃହୀତ ହୋଇଥିଲା ବୋଲି ଟ୍ରଷ୍ଟ ଅଧ୍ୟକ୍ଷ ଶିବ ପ୍ରସାଦ ପଣ୍ଡା ଜଣାଇଛନ୍ତି।

# ସତ୍ୟସାଇ ସେବା ସମିତିର ରକ୍ତଦାନ ଶିବିର

ଅନୁଗୋଳ,୭।୪ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ନାଲ୍‌କୋରେ ଥିବା ସତ୍ୟସାଇ ସେବା ସମିତି ପକ୍ଷରୁ ରବିବାର ପୂର୍ବାହ୍ନରେ ଅନୁଷ୍ଠାନ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୫୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଅନୁଗୋଳ ରକ୍ତ ଭଣ୍ଡାରର କର୍ମଚାରୀଙ୍କ ଉପସ୍ଥିତିରେ ଏହି ରକ୍ତଦାନ ଶିବିର ସଫଳ ହୋଇଥିଲା। ପ୍ରାୟ ୫ଶହରୁ ଅଧିକ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



# ମହାନଦୀ ବାଲି ପଠା ସଫେଇ



ଆଠମଲ୍ଲିକ,୭।୪(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ଜାମୁଡୋଲି ପଞ୍ଚାୟତ ଦରୁହା ଗ୍ରାମସ୍ଥିତ ମା' ବିନିକେୟୀ ପୀଠରେ ୩ ଦିନ ଧରି ବାଲିପଠାରେ ଅନୁଷ୍ଠିତ ଦଶ ଦୋଳ ଯାତ୍ରା ସମାପନ ହୋଇଛି। ମହାନଦୀ ବକ୍ଷରେ ବିସ୍ତୀର୍ଣ୍ଣ ବାଲିପଠାରେ ଓଡ଼ିଶାର ଦ୍ୱିତୀୟ ବାଲିଯାତ୍ରା କୁହାଯାଉଥିବା ଏହି ବିନିକେୟୀ ଯାତ୍ରାରେ ଦୋକାନ ବଜାର ସହିତ ପ୍ରବଳ ଜନସମାଗମ ହୋଇଥିଲା। ଫଳରେ ମହାନଦୀ ବାଲିପଠାରେ ଅଳିଆ ଆବର୍ଜନା ଗଦା ହୋଇରହିଥିଲା। ଜଙ୍ଗଲ ବିଭାଗ ଓ ଆଠମଲ୍ଲିକ କଲେଜର ରାଷ୍ଟ୍ରୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ବିଭାଗ ମିଳିତ ଭାବରେ ବାଲିପଠାରୁ ଅଳିଆ ଆବର୍ଜନା ସଫା କରିଥିବା ଜଣାପଡିଛି। ଜଙ୍ଗଲ ବିଭାଗ ତରଫରୁ ଡିଏଫ୍‌ଓ ସନ୍ତୋଷ କପୁଲା, ରେଞ୍ଜର ସୁନୀଲ କୁମାର ସାହୁ, ଫରେଷ୍ଟର ପୁଷ୍ପମିତ୍ରା ସିଂହ, ବନପାଳ ଅନିତା ମିଶ୍ର, ଦୀପକ ବେହେରା, ଏନ୍‌ଏସ୍‌ଏସ୍ ମୁଖ୍ୟ ତଥା ଅଧ୍ୟାପକ ମନ୍ମଥ ପାଲ, କଲେଜ ଛାତ୍ର ବିଷ୍ଣୁ ପ୍ରସାଦ ଷଡ଼ଙ୍ଗୀ, ସବ୍ୟସାଚୀ ମହାକୁଡ, ନିଗମ ବେହେରା, ସ୍ୱସ୍ତିକ ବେହେରାମାଳି ପ୍ରମୁଖ ସଫେଇ କାର୍ଯ୍ୟକ୍ରମରେ ସାମିଲ ହେଇଥିଲେ।

# ଗଦାଶିଳା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ

କଣିହାଁ,୭।୪(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ଗଦାଶିଳା ଗ୍ରାମରେ ଦୁଇ ଦିନ ଧରି ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶନିବାର ବିଧିମତେ କର୍ମନୀତିକୁ ନେଇ ଅହୋରାତ୍ର ନାମସଂକୀର୍ତ୍ତନ କାର୍ଯ୍ୟକ୍ରମ ହୋଇଥିଲା। ରବିବାର ସମାପନ ଉତ୍ସବ ଧୁମ୍‌ଧାମରେ ପାଳିତ ହୋଇଥିଲା। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନଙ୍କ ସମେତ ଅନେକ ଶ୍ରଦ୍ଧାଳୁ ଭାଗବତ ପ୍ରେମୀ ଯୋଗଦେଇ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ଗ୍ରାମ କମିଟି ତରଫରୁ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା।



# ୫୯ ୟୁନିଟ୍ ରକ୍ତ ସଂଗ୍ରହ

କଣିହାଁ,୭।୪(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁସ୍ଥିତ ଏନ୍‌ଟିପିସି ପ୍ରକଳ୍ପର ଦୀପ ତରଙ୍ଗ ମନୋରଞ୍ଜନ କେନ୍ଦ୍ରଠାରେ ଶ୍ରୀ ସତ୍ୟସାଇ ସେବା ସମିତି ତରଫରୁ ରବିବାର ଗ୍ରୀଷ୍ମକାଳୀନ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପ୍ରକଳ୍ପର ମୁଖ୍ୟ ଅଧିକାରୀ ଏ.କେ ସେହେଗଲ, ମାନବସମ୍ବଳ ଅଧିକାରୀ ବି.କେ ପାଣ୍ଡେ ଏସ୍.ଏଚ୍ ନନୀତ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୫୯ ୟୁନିଟ୍ ରକ୍ତସଂଗ୍ରହ କରାଯାଇଥିଲା। ତାଳଚେର ବ୍ଲଡ୍ ବ୍ୟାଙ୍କ କର୍ମଚାରୀ ରକ୍ତସଂଗ୍ରହ କରିଥିଲେ। ଏଥିରେ ଅନେକ ସାଇ ଆଶ୍ରିତ ଶ୍ରଦ୍ଧାଳୁ ସହଯୋଗ କରିଥିଲେ। ସତ୍ୟସାଇ ଅନୁଷ୍ଠାନ ପକ୍ଷରୁ ଶନିବାର ବାଳ ବିକାଶ କାର୍ଯ୍ୟକ୍ରମ ନେଇ ସଚେତନତା ଅଭିଯାନ ଶୋଭାଯାତ୍ରା କରାଯାଇଥିଲା।



# ଜନସାଧାରଣଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ମିଳିବା ଜରୁରୀ

## ଉଫୁନା ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ




ଢେଙ୍କାନାଳ,୭।୪(ରତନ ନାୟାର)

ଢେଙ୍କାନାଳ ଉଫୁନା ପକ୍ଷରୁ ସ୍ଥାନୀୟ ହୋଟେଲ୍ ଦେବକନ୍ୟା ସମ୍ମିଳନୀ କକ୍ଷରେ ରବିବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ଉଫୁନାର ସର୍ବଭାରତୀୟ ଉପସଭାପତି ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ଯୋଗଦେଇ କହିଲେ, ଶିଶୁ ମା' ପେଟରେ ଥିବା ସମୟରୁ ମୃତ୍ୟୁ ଯାଏ ଚିକିତ୍ସାର ଆବଶ୍ୟକତା ରହିଛି। କିନ୍ତୁ ବର୍ତ୍ତମାନ ସରକାର ଜନସାଧାରଣଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇପାରୁନାହାନ୍ତି। ଜନସାଧାରଣଙ୍କୁ ଏହା ମିଳିବା ଜରୁରୀ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଡାକ୍ତର ତୁଷାର ନାୟକ କହିଲେ, ବିଶ୍ୱ ସ୍ୱାସ୍ଥ୍ୟ ଦିବସର ସ୍ଲୋଗାନ ହେଲା 'ମୋର ସ୍ୱାସ୍ଥ୍ୟ ମୋ ଦାବି'। ୧୯୫୦ ମସିହା ସମ୍ବିଧାନରେ ସ୍ୱାସ୍ଥ୍ୟସେବାକୁ ମୌଳିକ ଅଧିକାର ରୂପେ ଗ୍ରହଣ କରାଯାଇଥିଲା। ପୃଥିବୀର ୮ଶହ କୋଟି ଜନସଂଖ୍ୟାରୁ ୪ଶହ ୫୦ କୋଟି ଲୋକ ମୌଳିକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ। ସମଗ୍ର ବିଶ୍ୱରେ ଏପ୍ରିଲ୍ ୭କୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ରୂପେ ପାଳନ କରାଯାଉଛି । ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ପ୍ରତ୍ୟେକ ଦେଶ ଯତ୍ନବାନ ହେବା ଆବଶ୍ୟକ। ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ କହିଲେ, ସମଗ୍ର ବିଶ୍ୱର ଦେଶମାନେ ସ୍ୱାସ୍ଥ୍ୟସେବା ପାଇଁ ଆବଶ୍ୟକ ସମ୍ବଳ ଯୋଗାଇ ଦେବା ଆବଶ୍ୟକ। କବି ବାହାଦୁର ପାଟ୍ଟଶାହାଣୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସାମାଜିକ କର୍ମୀ ରୁଦ୍ର ପ୍ରକାଶ ଶରଣ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ କହିଲେ, ବର୍ତ୍ତମାନ ଓଡ଼ିଶା ହାଇକୋର୍ଟ ଡାକ୍ତରମାନଙ୍କୁ ପ୍ରେସ୍କ୍ରିପ୍‌ସନକୁ ଭଲ ଅକ୍ଷରରେ ଲେଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେରେ ଆଡଭୋକେଟ୍ ନିବେଦିତା ରଥ ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ସମୀର ସାହୁ, ପରିବେଶବିତ୍ ଉପେନ୍ଦ୍ର ରାଉତ, ପ୍ରାକୃତିକ ଚିକିତ୍ସା କେନ୍ଦ୍ରର ପରିଚାଳକ ପୀତବାସ ସାହୁ, ପ୍ରେମାନନ୍ୟ ଶତପଥୀ, ବସନ୍ତ ବିଶ୍ୱାଳ, କ୍ଷୀରୋଦ ନାୟକ, ଉମ୍ବରୁଧର ପଣ୍ଡା, ଡ. ପ୍ରମୋଦ ନାୟକ, ପ୍ରଫେସର ବିମ୍ବାଧର ଦାସ, ଗୋକୁଳ ଚନ୍ଦ୍ର ପଣ୍ଡା, ସ୍ମିତାରାଣୀ ସାମଲ, ସମାଜସେବୀ ସରୋଜ ଶତପଥୀ, ବାସନ୍ତୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ଦିବସ ଉପରେ ବିଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା କରିଥିଲେ। ଏହି ଅବସରରେ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କ ରକ୍ତଚାପ ପରୀକ୍ଷା କରିଥିଲେ। ଜୟଲକ୍ଷ୍ମୀ ଦୋରା ଏକ ସୁରଚିତ ସଙ୍ଗୀତ ଆବୃତ୍ତି କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ମାୟାଧର ସେଠୀ, ସୂର୍ଯ୍ୟମୟୀ ପଟ୍ଟନାୟକ, ଅବିନାଶ ଦାସ, ତରୁଣ ବିଶ୍ୱାଳ ଓ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

